# NATIONAL NEWS BULLETIN (ODIA)

**13 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ ଅଧ୍ୟକ୍ଷତାରେ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନକୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ ।

- ମହାମାରୀ, ଜଳବାୟୁ ବିପର୍ଯ୍ୟୟ ଏବଂ ଯୋଗାଣ ଶୃଙ୍ଖଳ ବ୍ୟାହତର ମୁକାବିଲା ପାଇଁ 'ବ୍ରିକ୍ସ ସମନ୍ୱିତ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା' ନେଇ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପ୍ରକାଶ ପାଇଲା ସହମତି ।

- ଶୁଷ୍କ ଅଞ୍ଚଳରେ କୃଷିର ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ତିନିଦିନିଆ ଡ୍ରାଏଲାଣ୍ଡ କଂଗ୍ରେସ ୨୦୨୬ ନୂଆଦିଲ୍ଲୀରେ ଉଦ୍‌ଯାପିତ ।

- ନେପାଳରେ ବନ୍ୟା ବିପନ୍ନଙ୍କ ଚିହ୍ନଟ ଏବଂ ସହାୟତା ପାଇଁ ଆମେରିକା ପକ୍ଷରୁ ଆଉ ୧ ନିୟୁତ ଡଲାର ସହାୟତା ।

ଏବଂ

- ଟି-୨୦ ମହିଳା ଏସିଆକପ୍ କ୍ରିକେଟ୍ ଫାଇନାଲରେ ଆଜି ଦୁବାଇଠାରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ।

# ବ୍ରିକ୍ସ ସମିତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ମହାମାରୀ, ଜଳବାୟୁ ବିପର୍ଯ୍ୟୟ ଏବଂ ଯୋଗାଣ ଶୃଙ୍ଖଳ ବ୍ୟାହତ ହେବା ଦର୍ଶାଇଛି ଯେ, ଆଜିର ପରସ୍ପର ସଂଯୁକ୍ତ ବିଶ୍ୱରେ କୌଣସି ସଙ୍କଟ କେବଳ ଗୋଟିଏ ଅଞ୍ଚଳ ମଧ୍ୟରେ ସୀମିତ ହୋଇ ରହେ ନାହିଁ । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀର ମୁକ୍ତ ଅଧିବେଶନକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି' ବ୍ରିକ୍ସ ରାଷ୍ଟ୍ରସମୂହ ଏଥିପାଇଁ ସେମାନଙ୍କ ମଧ୍ୟରେ ସ୍ଥିରତା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ସ୍ଥିରତା, ନବସୃଜନ, ସହଯୋଗ ଏବଂ ନିରନ୍ତରତା ଶୀର୍ଷକ ଅଧିବେଶନରେ ଶ୍ରୀ ମୋଦୀ ଆହ୍ୱାନ ଗୁଡ଼ିକର ସଠିକ୍ ସମୟରେ ଚିହ୍ନଟ, ସେଥିପାଇଁ ପ୍ରସ୍ତୁତି ଏବଂ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି । ସଂକ୍ରାମକ ରୋଗର ପ୍ରତିରୋଧ ଏବଂ ଏହାର ମୁକାବିଲା ପାଇଁ ଏକ 'ବ୍ରିକ୍ସ ସମନ୍ୱିତ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା' ଉପରେ ସହମତି ପ୍ରକାଶ ପାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM-BRICS-WARNING-SYSTEM)**

ପ୍ରଧାନମନ୍ତ୍ରୀ ମୋଦୀ ସତର୍କ କରାଇ କହିଛନ୍ତି ପ୍ରଯୁକ୍ତିବିଦ୍ୟା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥକୁ ଅସ୍ତ୍ରଭାବେ ବ୍ୟବହାର କରିବା ପ୍ରଗତି ପଥରେ ଏକ ପ୍ରତିବନ୍ଧକ ସାଜିପାରେ । ବ୍ରିକ୍ସ ରାଷ୍ଟ୍ରସମୂହ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାରେ ଅନ୍ତର୍ଭୁକ୍ତିକରଣ ଉପରେ ଗୁରୁତ୍ୱ ଦେଇଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM-CRITICAL-MINERAL)**

ପ୍ରଧାନମନ୍ତ୍ରୀ କହିଛନ୍ତି କ୍ଷୁଦ୍ର ଶିଳ୍ପଗୁଡ଼ିକୁ ଜ୍ଞାନ, ଅର୍ଥ ଏବଂ ନୂତନ ବଜାର ସହ ଯୋଡ଼ିବା ପାଇଁ 'ବ୍ରିକ୍ସ ଏମ୍‌ଏସ୍‌ଏମ୍‌ଇ ସହଯୋଗ ପୋର୍ଟାଲ'

ପ୍ରତିଷ୍ଠା କରିବାକୁ ଏକ ପ୍ରସ୍ତାବ ଦିଆଯାଇଛି । ସହରଗୁଡ଼ିକ ମଧ୍ୟରେ ସର୍ବୋତ୍ତମ ଅଭ୍ୟାସ ଗୁଡ଼ିକର ଆଦାନପ୍ରଦାନକୁ ସହଜ କରିବା ପାଇଁ 'ବ୍ରିକ୍ସ ଅର୍ବାନ ମୋବିଲିଟି ହବ୍' ପ୍ରତିଷ୍ଠା କରାଯାଇଛି । ଶ୍ରୀ ମୋଦୀ କହିଛନ୍ତି ସେମାନେ ସ୍ମାର୍ଟ ଗ୍ରୀଡ୍ ଏବଂ ଶକ୍ତି ସଂରକ୍ଷଣ ପାଇଁ ଏକ 'ବ୍ରିକ୍ସ ଡିଜିଟାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ' ସ୍ଥାପନ କରିଛନ୍ତି, ଯାହା ସ୍ୱଚ୍ଛ ଶକ୍ତି ବ୍ୟବସ୍ଥାକୁ ଅଧିକ ନିର୍ଭରଯୋଗ୍ୟ, ଦକ୍ଷ ଏବଂ ସହଜଲଭ୍ୟ କରିବାରେ ସାହାର୍ଯ୍ୟ କରିବ । ବ୍ରିକ୍ସ ମଧ୍ୟରେ ବିକଶିତ ହୋଇଥିବା ସମାଧାନର ଲାଭକୁ ଗ୍ଲୋବାଲ ସାଉଥ୍‌ର ଆବଶ୍ୟକତା ପୂରଣ କରିବା ପାଇଁ ଅନୁକୂଳ ଓ ସହଜଲଭ୍ୟ କରିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବ୍ରିକ୍ସ ଲଜିଷ୍ଟିକ୍ ସପ୍ଲାଇ ଚେନ୍ ସହଯୋଗ ଢ଼ାଞ୍ଚା ଯୋଗାଣ ଶୃଙ୍ଖଳକୁ ଅଧିକ ନିର୍ଭରଯୋଗ୍ୟ ସ୍ଥିରତା ପ୍ରଦାନ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି । ନବସୃଜନ ଏବଂ ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ବ୍ରିକ୍ସ ଷ୍ଟାର୍ଟଅପ୍ ଇନୋଭେସନ ଫଣ୍ଡର ପ୍ରସ୍ତାବ ଦେଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି 'ଡିଜିଟାଲ କୃଷି ଉପରେ ବ୍ରିକ୍ସ ନେଟୱର୍କ' ଚାଷୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ । ଏହି ପଦକ୍ଷେପ ମାଧ୍ୟମରେ କୃତ୍ରିମ ବୁଦ୍ଧିମତା, ଜିଓ ସ୍ପାଟିଆଲ୍ ପ୍ରଯୁକ୍ତି ବିଦ୍ୟାର ବ୍ୟବ  ହାର କରି ଚାଷୀଙ୍କ ଆବଶ୍ୟକତା ପୂରଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଅଧିବେଶନ ସମାପ୍ତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାଜାକସ୍ଥାନ ରାଷ୍ଟ୍ରପତି କାଶୀମ ଜୋମାର୍ଟ ଟୋକାୟେଭ୍, ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍ ମାର୍କୋସ୍ ଜୁନିୟର । ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତାହ ଅଲ୍ ସିସି, ଦକ୍ଷିଣ ଆଫ୍ରିକା ରାଟ୍ରେପତି ସିରିଲ୍ ରାମାଫୋସା ଏବଂ ବୁରୁଣ୍ଡି ରାଷ୍ଟ୍ରପତି

ଇଭାରିଷ୍ଟେ ନ୍ଦାଇସିମିୟେଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ । ସେ ନାଇଜେରିଆ ଉପରାଷ୍ଟ୍ରପତି କାଶୀମ ସେଟିମା ଏବଂ ଉଗାଣ୍ଡା ଉପରାଷ୍ଟ୍ରପତି ଜେସିକା ଆଲୁପୋଙ୍କ ସହ ମଧ୍ୟ ବୈଠକ କରିବେ ।

ଏଥିପୂର୍ବରୁ ଶ୍ରୀ ମୋଦୀ ଶିଖର ସମ୍ମିଳନୀର ଦ୍ୱିତୀୟ ତଥା ଅନ୍ତିମ ଦିନରେ ବ୍ରିକ୍ସ ଅଂଶୀଦାର ଦେଶ ଗୁଡ଼ିକର ନେତାମାନଙ୍କୁ ସ୍ୱାଗତ କରିଥିଲେ । ସେମାନଙ୍କ ମଧ୍ୟରେ ମାଲେସିଆର ପ୍ରଧାନମନ୍ତ୍ରୀ ଅନୱ୍ୱର ଇବ୍ରାହିମ୍, ଭିଏତନାମ ପ୍ରଧାନମନ୍ତ୍ରୀ ଲେ ମିନ୍ ହଙ୍ଗ, ସାଉଦୀ ଆରବର ବୈଦେଶିକ ମନ୍ତ୍ରୀ ଫଇସଲ ବିନ୍ ଫରହାନ୍ ଏବଂ ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ସାମିଲ ଥିଲେ । ପରେ ନେତାମାନେ ଏକ ପାରିବାରିକ ଫଟୋ ପାଇଁ ପୋଜ୍ ଦେଇଥିଲେ ।

ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଅଧୀନରେ ସ୍ଥିରତା, ନବସୃଜନ, ସହଯୋଗ ଏବଂ ନିରନ୍ତରତା ପାଇଁ ପ୍ରସ୍ତୁତି ଆଭିମୁଖ୍ୟ ନେଇ ଏହି ଶିଖର ସମ୍ମିଳନୀ ଆୟୋଜିତ ହେଉଛି ।

---

# ହୁ-ନିଉଦିଲ୍ଲୀ ଡିକ୍ଲାରେସନ

ବ୍ରିକ୍ସ ଶିଖର ସମ୍ମିଳନୀ ୨୦୨୬ ଅବସରରେ ବ୍ରିକ୍ସ ରାଷ୍ଟ୍ରସମୂହ ଦ୍ୱାରା ଗୃହୀତ 'ନୂଆଦିଲ୍ଲୀ ଘୋଷଣାନାମା'କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରଶଂସା କରିଛି । ସଂଗଠନ ମହାନିର୍ଦ୍ଦେଶକ ଟେଡ୍ରୋସ ଅଧାନମ୍ ଗେବ୍ରେୟେସସ୍ ସାର୍ବଜନୀନ ସ୍ୱାସ୍ଥ୍ୟସେବା, ସ୍ଥିରତା, ସ୍ୱାସ୍ଥ୍ୟବ୍ୟବସ୍ଥା ଏବଂ ମହାମାରୀ ଚୁକ୍ତିନାମାର 'ପାଥୋଜେନ୍ ଆକ୍ସେସ୍ ଆଣ୍ଡ୍ ବେନିଫିଟ୍ ସେୟାରିଂ ଆନେକ୍ସ' ଆଲୋଚନାର ସଫଳ ସମାପ୍ତି ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି । ଏଥିସହ ଶିଖର ସମ୍ମିଳନୀରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

---

## ଏଫ୍‌ଏମ୍-ଇରାନ୍ ମିନିଷ୍ଟର

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ନୂଆଦିଲ୍ଲୀରେ ଇରାନ୍‌ର ଅର୍ଥନୈତିକ ବ୍ୟାପାର ଏବଂ ଅର୍ଥମନ୍ତ୍ରୀ ସୟଦ ଅଲ୍ଲୀ ମଦାନି ଜାଦେଙ୍କୁ ଭେଟିଛନ୍ତି । ବ୍ରିକ୍ସ ଶିଖର ସମ୍ମିଳନୀରେ ଇରାନ୍‌ର ଅଂଶଗ୍ରହଣ ଏବଂ ଆର୍ଥିକ ବ୍ୟାପାର ସଂକ୍ରାନ୍ତ ଆଲୋଚନାରେ ଗଠନମୂଳକ ସହଯୋଗ ପାଇଁ ଶ୍ରୀମତୀ ସୀତାରମଣ ଇରାନ୍‌କୁ ଧନ୍ୟବାଦ ଜଣାଇଛନ୍ତି । ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁସାରେ ଏହିବୈଠକ ଅବସରରେ ଉଭୟ ପକ୍ଷ ଆର୍ଥିକ ଅଭିବୃଦ୍ଧି ଏବଂ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ କ୍ଷେତ୍ରଗୁଡ଼ିକରେ ସହଯୋଗର ସମ୍ଭାବନା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ କରିଛନ୍ତି ।

---

## ଡ୍ରାଏଲାଣ୍ଡ-କଂଗ୍ରେସ

ଶୁଷ୍କ ଅଞ୍ଚଳରେ କୃଷିର ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଦକ୍ଷିଣ-ଦକ୍ଷିଣ ଏବଂ ତ୍ରିପାକ୍ଷିକ ସହଯୋଗକୁ ଅଧିକ ବୃଦ୍ଧି କରିବା ପାଇଁ ନୂଆଦିଲ୍ଲୀରେ ତିନିଦିନିଆ ଡ୍ରାଏଲାଣ୍ଡ କଂଗ୍ରେସ ୨୦୨୬ ଉଦ୍‌ଯାପିତ ହୋଇଛି । ଏହି କାର୍ଯ୍ୟକ୍ରମ ଶୁଷ୍କ ଅଞ୍ଚଳ ଉପରେ ଦିଲ୍ଲୀ ଘୋଷଣାନାମା ସହ ଉଦ୍‌ଯାପିତ ହୋଇଛି । ଏହି ଘୋଷଣାନାମା ଅନ୍ତର୍ଗତ ସମଗ୍ର ଗ୍ଲୋବାଲ ସାଉଥ୍ ଅଞ୍ଚଳରେ ସହଯୋଗ, ଜ୍ଞାନର ଆଦାନପ୍ରଦାନ, ନବନ୍ୱେଷ ଏବଂମିଳିତ ପ୍ରୟାସ ମାଧ୍ୟମରେ ଶୁଷ୍କାଞ୍ଚଳ କୃଷିର ରୂପାନ୍ତରଣ ପାଇଁ ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ କହିଛି ।

---

## ଶାହା-ଯତୀନ୍ଦ୍ରନାଥ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସ୍ୱାଧୀନତା ସଂଗ୍ରାମୀ ଯତୀନ୍ଦ୍ରନାଥ ଦାସଙ୍କ ତିରୋଧାନ ଦିବସରେ ତାଙ୍କପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ

ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ଅଳ୍ପ ବୟସରେ ମଧ୍ୟ ଯତୀନ୍ଦ୍ରନାଥ ବ୍ରିଟିଶ ଶାସନ ବିରୁଦ୍ଧରେ ସଂଗ୍ରାମର ପଥ ବାଛିଥିଲେ । ଜେଲ୍‌ର ଅତ୍ୟାଚାର ମଧ୍ୟ ତାଙ୍କ ସଂକଳ୍ପକୁ ବିଚ୍ୟୁତ କରିପାରି ନଥିଲା । ଯତୀନ୍ଦ୍ରନାଥ ଦାସଙ୍କ ତ୍ୟାଗ ଦେଶବାସୀଙ୍କୁ ଦେଶ ସେବା ପାଇଁ ଚିରଦିନ ଅନୁପ୍ରାଣିତ କରିବ ବୋଲି ଶ୍ରୀ ଶାହା କହିଛନ୍ତି ।

## ନେପାଳ ଫ୍ଲଡ

ନେପାଳରେ ବନ୍ୟା ବିପନ୍ନଙ୍କ ଚିହ୍ନଟ ଏବଂ ସହାୟତା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଆଉ ୧ ନିୟୁତ ଆମେରିକୀୟ ଡଲାର ସହାୟତା ମଞ୍ଜୁର କରିଛି । ଏଥିସହ ସହାୟତା ରାଶି ୫ ନିୟୁତ ଡଲାରରୁ ଅଧିକ ହୋଇଛି । ଏହି ନୂତନ ପାଣ୍ଠି ନେପାଳ ପୁଲିସକୁ ଫୋରେନ୍‌ସିପ୍ ସହାୟତା ଯୋଗାଇଦେବେ । ଡିଏନ୍‌ଏ ପରୀକ୍ଷା କିଟ୍ ସମେତ ସବୁଠାରୁ ଜରୁରୀ ଆବଶ୍ୟକତା ଗୁଡ଼ିକର ଆକଳନ କରିବା ପାଇଁ ଆମେରିକୀୟ ଅଧିକାରୀମାନେ ନେପାଳ ପୁଲିସ ସହ ମିଶି କାର୍ଯ୍ୟ କରୁଛନ୍ତି ।

ଅନ୍ୟପକ୍ଷରେ ନେପାଳରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ବୃଦ୍ଧିପାଇ ୧ହଜାର ୩୮୬ରେ ପହଞ୍ଚିଛି । ୮ଟି ପ୍ରଭାବିତ ଜିଲ୍ଲାରୁ ଆହୁରି ଅନେକ ମୃତଦେହ ଉଦ୍ଧାର କରାଯାଇଛି । ଗତମାସ ୨୬ ତାରିଖରେ ନେପାଳ-ତିବ୍ବତ ସୀମା ନିକଟରେ ଏକ ବରଫଖଣ୍ଡ ସ୍ଖଳନ ଯୋଗୁଁ ସୃଷ୍ଟ ଏହି ବନ୍ୟାରେ ଉତ୍ତର ଏବଂ କେନ୍ଦ୍ରୀୟ ନେପାଳର ସହର ଓ ଗ୍ରାମଗୁଡ଼ିକରେ ବ୍ୟାପକ କ୍ଷୟକ୍ଷତି ହୋଇଛି ।

## ଜେକେ ଡୋଡା ଟେରୋରିଷ୍ଟ

ଜାମ୍ମୁ ଓ କାଶ୍ମୀରର ଡୋଡା ଜିଲ୍ଲା ସେଓଜଧାର ର ଦୀଭ୍‌ସେତର ଅଞ୍ଚଳରୁ ଗତକାଲି ସୁରକ୍ଷା ବାହିନୀ ଜଣେ ସନ୍ଦିଗ୍ଧ ଜୈସ୍-ଇ-ମହମ୍ମଦ ଆତଙ୍କବାଦୀର ଗଳିତ ଶବ ଉଦ୍ଧାର କରିଛି । ଗଳିତ ଶବ ସହ ଏକ ଏମ୍-ଫୋର୍ ରାଇଫଲ ମଧ୍ୟ ଉଦ୍ଧାର ହୋଇଛି । ସ୍ଥାନୀୟ ଲୋକଙ୍କ ସୂଚନା ପରେ ସୁରକ୍ଷା ବାହିନୀ ଉକ୍ତ ଅଞ୍ଚଳରେ ପହଞ୍ଚି ମୃତକର ପରିଚୟ ସ୍ପଷ୍ଟ କରିବା ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ତଥ୍ୟ ଜାଣିବା ପାଇଁ ଅଧିକ ତଦନ୍ତ ଚଳାଇଛି । ଅନ୍ୟପକ୍ଷରେ ଜାମ୍ମୁ-କାଶ୍ମୀର ପୁଲିସ କହିଛି ଏସ୍‌ଓଜି ଡୋଡା, ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ସିଆର୍‌ପିଏଫ୍‌ର ମିଳିତ ଭାବେ ଜଣେ ପାକିସ୍ତାନ ଜୈସ୍-ଇ-ମହମ୍ମଦ ଆତଙ୍କବାଦୀର ମୃତଦେହ ଉଦ୍ଧାର କରିଛନ୍ତି, ଯିଏକି ଏକ ମିଳିତ ଅପରେସନ ବେଳେ ନିହତ ହୋଇଥିଲା ।

---

## ଇଣ୍ଡିଆ-ଆଫଗାନିସ୍ତାନ-ଟି.ଟ୍ୱେଣ୍ଟି

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ତିନି ମ୍ୟାଚ୍‌ବିଶିଷ୍ଟ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ଶୃଙ୍ଖଳାର ଆଜି ପ୍ରଥମ ମ୍ୟାଚ୍ ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯିବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ଏହି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ମଙ୍ଗଳବାର ଓ ଶେଷ ମ୍ୟାଚ୍ ଆସନ୍ତା ଗୁରୁବାର ଦିନ ସେହି ସମୟରେ ସେହି ଷ୍ଟାଡିୟମ୍‌ରେ ଖେଳାଯିବ । ଭାରତୀୟ ଟି-ଟ୍ୱେଣ୍ଟି ଦଳର ଅଧିନାୟକଭାବେ ଶ୍ରେୟସ୍ ଆୟାର୍ ପ୍ରତିନିଧିତ୍ୱ କରୁଥିବାବେଳେ ତିଲକ ଶର୍ମା ଉପଅଧିନାୟକ ଭାବେ ଦାୟିତ୍ୱ ତୁଲାଇବେ । ଦଳରେ ଯଶପ୍ରିତ ବୁମ୍‌ରାହ, ଅର୍ଶଦୀପ ସିଂହ ଏବଂ ଯଶ୍ ଠାକୁରଙ୍କୁ ସାମିଲ୍ କରାଯାଇଛି । ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ସୁସ୍ଥ ହେବା ପରେ ଦଳରେ ସମିଲ୍ କରାଯାଇଛି ।

---

## ଟିଟ୍ୱେଣ୍ଟି-ଏସିଆ କପ୍

ଟି-ଟ୍ୱେଣ୍ଟି ମହିଳା ଏସିଆ କପ୍ କ୍ରିକେଟ୍ ଫାଇନାଲ୍‌ରେ ଆଜି ସନ୍ଧ୍ୟାରେ ଦୁବାଇରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ସନ୍ଧ୍ୟା ୮ଟାରେ ମ୍ୟାଚ୍ ଆରମ୍ଭ ହେବ । ୭ ଥରର ଚାମ୍ପିୟନ୍ ଭାରତ ଗ୍ରୁପ୍-ଏ'ର ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳ ଭାବେ ସମସ୍ତ ମ୍ୟାଚ୍‌ରେ ବିଜୟ ହାସଲ କରି ଫାଇନାଲ୍‌ରେ ପହଞ୍ଚିଛି । ମହିଳା ଏସିଆ କପ୍ କ୍ରିକେଟ୍ ଇତିହାସରେ ଭାରତ ୭ ଥର ଟାଇଟଲ୍ ଜିତିଥିବାବେଳେ ୨୦୨୪ରେ ଶ୍ରୀଲଙ୍କା ଭାରତକୁ ପରାସ୍ତ କରି ଚାମ୍ପିୟନ୍ ହୋଇଥିଲା ।

## ଟେନିସ

ୟୁ.ଏସ୍. ଓପନ୍ ପୁରୁଷ ସିଙ୍ଗଲ୍‌ସ ଫାଇନାଲ୍‌ରେ ଆଜି ଶୀର୍ଷମାନ୍ୟତାପ୍ରାପ୍ତ ଜର୍ମାନୀର ଆଲେକ୍‌ଜାଣ୍ଡର ଜେଭ୍‌ରେଭ୍ ଓ ଅଷ୍ଟମ ସିଡ୍ ଆମେରିକାର ବେନ୍ ସେଲ୍‌ଟନ୍‌ଙ୍କ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ମ୍ୟାଚ୍ ଭାରତୀୟ ସମୟ ରାତି ସାଢ଼େ ୧୧ଟାରେ ଆରମ୍ଭ ହେବାର ସୂଚୀ ରହିଛି । ୨୩ବର୍ଷୀୟ ସେଲଟର ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଖେଳିବେ ଏବଂ ଦୁଇ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ କୌଣସି ପ୍ରମୁଖ ସିଙ୍ଗଲ୍ସ ଟାଇଟଲ ଜିତିବାରେ ସେ ପ୍ରଥମ ଆମେରିକୀୟ ପୁରୁଷ ଖେଳାଳି ହେବା ଲକ୍ଷ୍ୟ ରଖିଛନ୍ତି । ଅନ୍ୟପକ୍ଷରେ ୩ ମାସ ପୂର୍ବେ ନିଜର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ଜେଭରେଭ୍ କ୍ରମାଗତ ଭାବେ ତାଙ୍କର ତୃତୀୟ ପ୍ରମୁଖ ଫାଇନାଲ ଖେଳିବାକୁ ପ୍ରସ୍ତୁତ ଅଛନ୍ତି ।